# ୭୦ ତମ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼

## ଟେଣ୍ଡର ବିଜ୍ଞପ୍ତି

**ନଂ- ୯୪୧୪/ ତା:୨୦/୧୨/୨୦୧୮**

ବରଗଡ଼ ଧନୁଯାତ୍ରା ନିମନ୍ତେ ଜର୍ଜ ହାଇସ୍କୁଲ ପଡ଼ିଆରେ ମୀନାବଜାର, ଦୋଳି, ଝୁଲା ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ତଥା ପାରକିଙ୍ଗ୍ ଇତ୍ୟାଦି ପାଇଁ ଅନ୍ୟାନ୍ୟ ଉପଯୋଗୀ ପଡ଼ିଆ ଗୁଡ଼ିକ ଟେଣ୍ଡର ମାଧ୍ୟମରେ ଇଚ୍ଛୁକ ବ୍ୟକ୍ତି ମାନଙ୍କୁ ସର୍ତ୍ତାବଳୀ ସହ ଯୋଗାଇ ଦିଆଯିବ ।

ଉପ-ଜିଲ୍ଲାପାଳ, ବରଗଡ଼ଙ୍କ କାର୍ଯ୍ୟାଳୟରେ ଅଫିସ ସମୟ ମଧ୍ୟରେ ତା:୨୪/୧୨/୨୦୧୮ ଠାରୁ ତା ୨୮/୧୨/୨୦୧୮ (ଅପରାହ୍ନ ୧୨ ଘଟିକା ସୁଦ୍ଧା) (ଛୁଟିଦିନ ବ୍ୟତିତ) ଟ୧୦୦୦.୦୦ (ଏକ ହଜାର ଟଙ୍କା ମାତ୍ର) ବିନିମୟରେ ଟେଣ୍ଡର କାଗଜପତ୍ର ଯୋଗାଇ ଦିଆଯିବ । ଇଚ୍ଛୁକ ନିଲାମଧାରୀମାନେ ସଂପୃକ୍ତ ସ୍ଥାନ ମାନଙ୍କର ପ୍ରସ୍ତୁତ ନକ୍ସା, ପ୍ଲାନ ଏବଂ ସର୍ତ୍ତାବଳୀ ଉପ-ଜିଲ୍ଲାପାଳ, ବରଗଡ଼ଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ଦେଖିପାରିବେ ।

ଉକ୍ତ ଟେଣ୍ଡର କାଗଜପତ୍ର, ନିଜର ସର୍ବୋଚ୍ଚ ଡାକ୍ ମୂଲ୍ୟ ସହ ପୂରଣ କରି, ଏକ ଜଉମୁଦ ଲଫାପାରେ ପୂରାଇ ତା:୨୮/୧୨/୨୦୧୮ ଅପରାହ୍ନ ୧.୦୦ଘଟିକା ମଧ୍ୟରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ନିର୍ଦ୍ଦିଷ୍ଟ ଟେଣ୍ଡର ବାକ୍ସରେ ପକାଇବେ । ତାହା ସମସ୍ତଙ୍କ ଉପସ୍ଥିତିରେ ଉକ୍ତଦିନ ଅପରାହ୍ନ ୩.୦୦ ଘଟିକା ସମୟରେ ଖୋଲାଯାଇ ନିୟମାନୁଯାୟୀ ସ୍ଥାନ ବଣ୍ଟନ ପ୍ରକ୍ରିୟା ଚୁଡାନ୍ତ କରାଯିବ । ଏହି ପ୍ରକ୍ରିୟାରେ ସଫଳ ନିଲାମଧାରୀଙ୍କ ସପକ୍ଷରେ ନିୟମାନୁଯାୟୀ ଚୁକ୍ତି ସମ୍ପାଦନ କରାଯିବ । ଯଦି ଉକ୍ତ ଦିନ ଏହି ଟେଣ୍ଡର ପ୍ରକ୍ରିୟା ଚୁଡାନ୍ତ ହୋଇପାରିବ ନାହିଁ ତେବେ, ଦ୍ୱିତୀୟ ଦିବସ ତା:୩୦/୧୨/୨୦୧୮ ଅପରାହ୍ନ ୩.୦୦ ଘଟିକା ସମୟରେ ଏହି ଟେଣ୍ଡର ପ୍ରକ୍ରିୟା ଚୁଡାନ୍ତ କରାଯିବ ଏବଂ ସେହିଦିନ ଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ ଟେଣ୍ଡର ଫର୍ମ ନିର୍ଦ୍ଦିଷ୍ଟ ବାକ୍ସରେ ଦାଖଲ କରିପାରିବେ । ପ୍ରକାଶ ଥାଉକି, କୌଣସି କାରଣ ନ ଦର୍ଶାଇ ଯେକୌଣସି ପକ୍ଷଙ୍କ ଡାକ୍ ମୂଲ୍ୟକୁ କିମ୍ବା ସମ୍ପୂର୍ଣ୍ଣ ଟେଣ୍ଡରକୁ ରଦ୍ଦ କରିବାର କ୍ଷମତା ଅଧିକାରୀଙ୍କର ରହିଅଛି । ସବିଶେଷ ବିବରଣୀ ଜିଲ୍ଲା **Website-** **http://baragarh.nic.in** ରେ ମଧ୍ୟ ଉପଲବ୍ଧ ହେବ ।

20.12.18

ଉପ-ଜିଲ୍ଲାପାଳ ତଥା ଆବାହକ
ଜମି-ଆବଣ୍ଟନ କମିଟି,
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼